OPEN ACCESS

*Int. Jr. of Contemp. Res. in Multi.* *PEER-REVIEWED JOURNAL* *Volume 4 Issue 5 [Sep- Oct] Year 2025*

I J C R M

International Journal of Contemporary Research In Multidisciplinary

*Research Article*

# ପ୍ରଦ୍ୟୁମ୍ନକେଶରୀଙ୍କ କାବ୍ୟ କୃତି : ଅନୁରାଗ ଓ ଅନୁଭବର ମୁଗ୍ଧ ପ୍ରତିଶ୍ରୁତି

**ଡକ୍ଟର ନଳିନୀ କୁମାର ପାଣିଗ୍ରାହୀ**

ଅଧ୍ୟାପକ, ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ, କଳିଙ୍ଗ ମହାବିଦ୍ୟାଳୟ, ଘୁ. ଉଦୟଗିରି, କନ୍ଧମାଳ, ଓଡ଼ିଶା, ଭାରତ

**Corresponding Author:** * ଡକ୍ଟର ନଳିନୀ କୁମାର ପାଣିଗ୍ରାହୀ

**DOI:** https://doi.org/10.5281/zenodo.20570806

**ସାରାଂଶ**

ଉତ୍ତର-ଅଶୀ ଓଡ଼ିଆ କବିତା ଜଗତର ଜଣେ ବଶିଷ୍ଠ ତଥା ପ୍ରତିଭାବାନ ସ୍ରଷ୍ଟା ହେଉଛନ୍ତି କବି ସେନାପତି ପ୍ରଦ୍ୟୁମ୍ନକେଶରୀ। ପ୍ରସ୍ତୁତ ପ୍ରବନ୍ଧରେ ତାଙ୍କର କାବ୍ୟ ଚେତନା ଓ ସାରସ୍ୱତ ସୃଷ୍ଟିର ବିଭିନ୍ନ ଦିଗ ଉପରେ ଆଲୋକପାତ କରାଯାଇଛି । ସମକାଳୀନ ଜୀବନବୋଧ, ସମାଜର ନିଛକ ଚିତ୍ର ଏବଂ ଯନ୍ତ୍ରଣାଦଗ୍ଧ ମଣିଷର ଅନ୍ତରର କଥା ତାଙ୍କ କବିତାର ମୂଳପିଣ୍ଡ । କବିଙ୍କର 'ମହୁ ମୁହାଣ' ଠାରୁ ଆରମ୍ଭ କରି 'ପବନର ଦେହ' ପର୍ଯ୍ୟନ୍ତ ଦଶଟି ପ୍ରମୁଖ କବିତା ସଂକଳନ ମଧ୍ୟରେ ଗତିଶୀଳ କାବ୍ୟ-ଯାତ୍ରାକୁ ଏହି ଆଲେଖ୍ୟରେ ମୂଲ୍ୟାୟନ କରାଯାଇଛି । କବିଙ୍କ ସୃଷ୍ଟିରେ ଥିବା ଶାଶ୍ୱତ ରୋମାଣ୍ଟିକ୍ ଚେତନା, ଆଧୁନିକ ମଣିଷର ନିଃସଙ୍ଗତା ବା ଏକାକୀତ୍ୱବୋଧ ଏବଂ ନାରୀ ଜୀବନର ବିବିଧ ସଂଘର୍ଷ ତଥା ସମ୍ବେଦନାକୁ ଭିନ୍ନ ଭିନ୍ନ ଶୀର୍ଷକରେ ବିଶ୍ଳେଷଣ କରାଯାଇଛି । ଭାଷାର ପ୍ରାଞ୍ଜଳତା, ଚିତ୍ରକଳ୍ପ ଓ ପ୍ରତୀକର ସଫଳ ପ୍ରୟୋଗ ଏବଂ ସଂଳାପଧର୍ମୀ ଶୈଳୀ କିପରି ତାଙ୍କ କବିତ୍ୱକୁ ଓଡ଼ିଆ ସାହିତ୍ୟରେ ଏକ ସ୍ୱତନ୍ତ୍ର ମର୍ଯ୍ୟାଦା ପ୍ରଦାନ କରିଛି, ତାହା ଏହି ପ୍ରବନ୍ଧର ମୁଖ୍ୟ ପ୍ରତିପାଦ୍ୟ ବିଷୟ ।

**Manuscript Information**

- **ISSN No:** 2583-7397
- **Received:** 08-09-2025
- **Accepted:** 28-10-2025
- **Published:** 30-10-2025
- **IJCRM:**4(5); 2025: 661-665
- **©2025, All Rights Reserved**
- **Plagiarism Checked:** Yes
- **Peer Review Process:** Yes

**How to Cite this Article**

ଡକ୍ଟର ନଳିନୀ କୁମାର ପାଣିଗ୍ରାହୀ. ପ୍ରଦ୍ୟୁମ୍ନକେଶରୀଙ୍କ କାବ୍ୟ କୃତି : ଅନୁରାଗ ଓ ଅନୁଭବର ମୁଗ୍ଧ ପ୍ରତିଶ୍ରୁତି . Int J Contemp Res Multidiscip. 2025;4(5):661-665.

**Access this Article Online**

www.multiarticlesjournal.com

**କୀ-ଶବ୍ଦ:** ଆଧୁନିକକବିତା, ସେନାପତି ପ୍ରଦ୍ୟୁମ୍ନକେଶରୀ, ରୋମାଣ୍ଟିକ୍ ଚେତନା**,** ଏକାକୀତ୍ୱବୋଧ, ନାରୀ ଚେତନା, ଜୀବନବୋଧ, ଚିତ୍ରକଳ୍ପ**.**

## ପ୍ରସ୍ତାବନା

ଉତ୍ତର ଅଶୀ ଓଡ଼ିଆ କାବ୍ୟ ଜଗତରେ କବି ସେନାପତି ପ୍ରଦ୍ୟୁମ୍ନକେଶରୀ ଜଣେ ଚର୍ଚ୍ଚିତ ଚେହେରା । ଜୀବନ ଓ ଜଗତ୍ ପ୍ରତି ଯଥେଷ୍ଟ ନିଷ୍ଠା ରଖି ସମକାଳୀନ ମଣିଷର କଥା କହିବାରେ ସେ ବେଶ୍ ପାରଙ୍ଗମ । ନିଜସ୍ୱ ଶୈଳୀ ଉପରେ ତାଙ୍କର ଢେର ବିଶ୍ୱାସ । ସେହି ବିଶ୍ୱାସକୁ ସମ୍ବଳ କରି ଏ ଯାବତ୍ **କବି** ସୃଷ୍ଟି କରିଛନ୍ତି **ଦଶଟି** କବିତା ସଂକଳନ । ସେଗୁଡ଼ିକ ହେଲା - ମହୁ ମୁହାଣ (୧୯୯୭), ଅଲଗା ଅଯୋଧ୍ୟା (୧୯୯୪), ଧୂଳିବେଶ (୧୯୯୯), ପୂତନା (୨୦୦୭), ପାପ**ତୃଷ୍ଣା** (୨୦୦୯), ପୁ**ରାଣ** ନଦୀ

(୨୦୧୨), **ଭାଜ୍ୟ ଭାଜକ** (୨୦୧୪), ଖେଳ **ଛୁଟିର** ଖରା (୨୦୧୭), ଗୋପଯାତ୍ରା (୨୦୨୦),**ପବନର ଦେହ (୨୦୨୪)**। ବାସ୍ତବରେ ପ୍ରଦ୍ୟୁମ୍ନ କେଶରୀଙ୍କ କାବ୍ୟ ଯାତ୍ରା ବହୁ ମଧୁର ଅନୁଭବର ଏକ ସାରସ୍ୱତ **ଅନ୍ବେଷା** । ଏହାର ଯଥାର୍ଥତା


© 2025 ଡକ୍ଟର ନଳିନୀ କୁମାର ପାଣିଗ୍ରାହୀ, Vanita Jain. This is an open-access article distributed under the terms of the Creative Commons Attribution 4.0 International License (CC BY NC ND).https://creativecommons.org/licenses/by/4.0/

ଯେକୌଣସି ଶ୍ରଦ୍ଧାବାନ ପାଠକ ସହଜରେ ଅନୁମାନ କରିପାରିବେ, ଏଥିରେ **ଦ୍ୱିମତ** ନ ଥାଇପାରେ । ପ୍ରଦ୍ୟୁମ୍ନଙ୍କ କବିତାରେ ଅତୀତ ପ୍ରତି ଯେତିକି ସମ୍ମାନ ଅଛି, ବର୍ତ୍ତମାନ ପ୍ରତି ସେତିକି ସମ୍ବେଦନା ଅଛି ଏବଂ ଭବିଷ୍ୟତର ସମ୍ଭାବନା ପ୍ରତି ମଧ ସେତିକି ସଦିଚ୍ଛା ଅଛି । ଆଧୁନିକ ଓଡ଼ିଆ କବିତାକୁ ଏକ ସମୃଦ୍ଧ ପଥରେ ନେବା ପାଇଁ ପୂର୍ବସୂରୀମାନେ ଯେଉଁ ସମ୍ଭାବନାମୟ ସଦିଚ୍ଛାଟିଏ ପୋଷଣ କରିଥିଲେ, ତାକୁ ଅକ୍ଷରେ ଅକ୍ଷରେ ପାଳନ କରିଥିବା କବିଟିଏ ହେଲେ ସେନାପତି ପ୍ରଦ୍ୟୁମ୍ନକେଶରୀ । ସମକାଳୀନ ମଣିଷର ଜୀବନବୋଧ ତଥା ସମସ୍ୟା ହିଁ ତାଙ୍କ କବିତାର ଭାବଭୂମି । ଯନ୍ତ୍ରଣା ବିକ୍ଷୁବ୍ଧ ମଣିଷର କଥା କହିବା ହିଁ ପ୍ରଦ୍ୟୁମ୍ନକେଶରୀଙ୍କ କବି ଜୀବନର ଏକମାତ୍ର ଲକ୍ଷ୍ୟ କହିଲେ ସତ୍ୟର ଅପଳାପ ହେବ ନାହିଁ । ନବ୍ୟ ଚେତନାର ଜୟଗାନ, ଭାଷାର ପ୍ରାଞ୍ଜଳତା, ବକ୍ତବ୍ୟରେ ସଂଳାପଧର୍ମିତା, ଶବ୍ଦ ଚୟନରେ ବିଜ୍ଞତା ଆଦି ତାଙ୍କ କବିତାର ବିଶେଷ**ତ୍ୱ** । ଅପରପକ୍ଷେ ନାରୀ ପ୍ରତି ସମ୍ବେଦନା ଦେବାରେ ତାଙ୍କର କାର୍ପଣ୍ୟ ପରିଲକ୍ଷିତ ହୁଏ ନାହିଁ । ପ୍ରଥମ କବିତା ସଂକଳନ 'ମହୁମୁହାଣ'ର ମୁଖବନ୍ଧରେ ସେ **ସ୍ୱୀ**କାର କରିଛନ୍ତି - "କବି ହେବା ଏବଂ କବିତାରେ ବଞ୍ଚିବା ଦୁଇଟିଯାକ ସମ୍ପୂର୍ଣ୍ଣ ପୃଥକ୍ କଥା ।" କାରଣ କବି ହେବା ଯେତିକି ସହଜ, ତା'ଠୁ ଅଧିକ କଷ୍ଟସାଧ କବିତାରେ ବଞ୍ଚିବା । କବିତାରେ ବଞ୍ଚିବାକୁ ହେଲେ ଭାବ ପ୍ରବଣତା ନୁହେଁ, ସହୃଦୟତା ଏକାନ୍ତ ଆବଶ୍ୟକ । ଏକ ସମର୍ପିତ ଭାବର ନିକଟତର ହେବା ଉଚିତ । ଏହା ହିଁ କବି ପ୍ରଦ୍ୟୁମ୍ନକେଶରୀଙ୍କ କବିତାର ବିଶେଷ**ତ୍ୱ** । ଅପର ପକ୍ଷରେ ବସ୍ତୁ ନୁହେଁ, ବସ୍ତୁର ଅନ୍ତରାଳରେ ଥିବା ସୌନ୍ଦର୍ଯ୍ୟ ପରିବେ**ଷଣ**କାରୀ ଉପାଦାନଟିକୁ ପ୍ରକାଶ କରିବା ହିଁ **ଯଥାର୍ଥ କବିତ୍ୱ।** ବସ୍ତୁର ବାହ୍ୟ ସୌନ୍ଦର୍ଯ୍ୟକୁ ଯେକେହି ଦେଖିପାରେ । କିନ୍ତୁ ତା'ର ଅସଲ ସୌନ୍ଦର୍ଯ୍ୟକୁ ଦେଖିବାର କ୍ଷମତା କେବଳ ଜଣେ ସଚ୍ଚା କବିର ହିଁ ଥାଏ । ପ୍ରଦ୍ୟୁମ୍ନକେଶରୀ ସେହି ସଚ୍ଚା କବିଙ୍କ ଭିତରୁ ଜଣେ । 'ମହୁମୁହାଣ'ରୁ '**ପବନର ଦେହ**' ପର୍ଯ୍ୟନ୍ତ ସବୁଠି କେବଳ **କବିଙ୍କ** ସେହି ସଚ୍ଚା କବି**ତ୍ୱ**, ନିଛକ, ନିର୍ଭେଜାଲ କବିପଣିଆକୁ ହିଁ ପାଠକଟିଏ ଭେଟେ । ସୁତରାଂ ଏପରି ଜଣେ ନିରୋଳା କବିଙ୍କ କାବ୍ୟ କୃତିର ମୂଲ୍ୟାୟନ ତଥା ବିବିଧ ଦିଗକୁ ଦେଖି ଦେଖେଇବାର ବ୍ୟାକୁଳତାରୁ ହିଁ ଆଲୋଚ୍ୟ ପ୍ରବନ୍ଧର ପରିକଳ୍ପନା ବୋଲି **ସ୍ୱୀ**କାର କରାଯାଇପାରେ ।

**ପ୍ରେମର ପଦ୍ମବନରେ ବିଭୋର ମଧୁପ : ରୋମାଣ୍ଟିକ ଚେତନା-**

ଆପାତତଃ ପ୍ରତ୍ୟେକ କବିଙ୍କ କାବ୍ୟ ସାଧନାର ପ୍ରାଥମିକ ପର୍ଯ୍ୟାୟ ରୋମାଣ୍ଟିକ ଭାବାବେଗକୁ ସାଦରେ ଗ୍ରହଣ କରିଥାଏ । ପ୍ରଥମ କବିତାର ଗଳିକନ୍ଦିରେ ରୋମାଣ୍ଟିକ୍ ଭାବାବେଗର ବା**ସ୍ନା ବିଚ୍ଛୁ**ରିତ **ହୋଇ**ଥାଏ । କାରଣ ସର୍ଜନଶୀଳତାର ଉଷ୍ମତା ପ୍ରେମାବେଗରେ ସହଜରେ ଜୀବନ୍ତ ହୁଏ । ଏକ **ନିରୁତା ଭଲ** ପାଇବାର ଆବେଗପ୍ରବଣତାରେ କବିତାର ଭୂମି ଆଦ୍ର ହୋଇଯାଏ । ତେଣୁ ସହଜରେ ଆବେଗଟି ଅ**ଙ୍କୁ**ରୋଦ୍**କ୍ଷ**ମ ହୋଇପାରେ । ବାସ୍ତବରେ ଏହି ଆବେଗକୁ ଅନୁଭବ କରିବା ଯେତିକି ସହଜ; ପ୍ରକାଶ କରିବା ସେତିକି କଷ୍ଟସାଧ । ପ୍ରେମ ସର୍ବଦା ହୀରା ପରି ଚକ୍‌ଚକ୍ ହେଉଥିବା ଏକ ନିର୍ଭେଜାଲ ଶବ୍ଦ । କିନ୍ତୁ କେବେ ଯଦି ସେଥିରେ ଛଳନାର **କାଦୁଅ** ଲାଗିଯାଏ, ତେବେ ତାହା ହୁଏ ପାପ **ନା** ମଧୁର ସଂତାପ? ଏପରି ଏକ ହୃଦୟହୀନ ପ୍ରଶ୍ନବାଚୀ **ଉକ୍ତି**ମାରେ ପ୍ରଦ୍ୟୁମ୍ନକେଶରୀଙ୍କ 'ପରକୀୟା' କବିତାରେ । ସମକାଳୀନ କାବ୍ୟ ଚେତନାରେ ପ୍ରେମର ବୈଫଲ୍ୟ ବେଶ୍ ଜୀବନ୍ତ । ପ୍ରେମକୁ ସନ୍ତକ ରଖି ନୂଆ ଏକ ଜୀବନର ସ୍ୱପ୍ନରେ ବିଭୋର ନାୟିକା ବିଫଳତାକୁ ସାକ୍ଷୀ ରଖି କହେ -

"ଛାତିରେ କ**ତୁ**ରି ମାରୁଛି ବର୍ଷାର ଦାଢ଼
ନିଃଶ୍ୱାସରେ ଲୋହିତ ମନ୍ଦାର
ଗର୍ଭପାତ **ଭ୍ରୁ**ଣଟିଏ
ରକ୍ତ ସର ସର ।" (ପରକୀୟା - ମହୁମୁହାଣ)

ଏଠାରେ ପ୍ରେମ ପ୍ରତାରଣାରେ ପରିଣତ ହୋଇଛି । ଯାହାକି ସାମ୍ପ୍ରତିକ ସମାଜର ଏକ ନିତ୍ୟ ଘଟଣା ଭାବରେ ପରିଚିତ । କିନ୍ତୁ ପ୍ରେମ ଶାଶ୍ୱତ । ସମୟ ଚାଲିଯାଏ, ସରେ ନାହିଁ ପ୍ରେମ । ସ୍ମୃତିର ଶିଉଳିରେ ପ୍ରେମ ସେମିତି ଚକ୍‌ଚକ୍ ହେଉଥାଏ । ତେଣୁ ତ କାବ୍ୟ ନାୟକ - ନାୟିକା ତିଲୋତ୍ତମାକୁ ଅପେକ୍ଷା କରି କହିଥାଏ- "ତମେ କାଳେ ଆସୁଛ କି ?" ଅପେକ୍ଷାର ଶେଷ ନାହିଁ; ପ୍ରେମର ମୃତ୍ୟୁ ନାହିଁ । ପ୍ରଦ୍ୟୁମ୍ନକେଶରୀଙ୍କ ପ୍ରେମାବେଗରେ ମିଳନ ଯେତିକି ସୁଖପ୍ରଦ ମନେ ହୁଏ, ବିଷାଦ ମଧ ସେତିକି ପ୍ରୀତିମୟ ମନେହୁଏ । ଅତିକ୍ରାନ୍ତ ସମୟ ପାଖରେ ରୂପ ବଦଳି ଯାଇପାରେ । କିନ୍ତୁ ରୋମାଣ୍ଟି**କ୍** ଭାବାବେଗର ମହୁଲି ନିଶା ସେମିତି ଜୀବନ୍ତ ଥାଏ; ଭଲ ପାଇବାର ଆବେଗ ପାଖରେ **ଚାହାଣିର** ଚମକ ସେମିତି ଚକ୍‌ଚକ୍ ହେଉଥାଏ । ତେଣୁ ନାୟକ କହେ-

"ଆଜି ତୁମକୁ ଦେଖିଲା ପରେ
ଭାବୁଚି, ତୁମେ ଯା ଭିତରେ
ଟିକେ ବି ବଦଳି ନାହଁ !
**ଯେ**ମିତି ସେଦିନ ଦିଶୁଥିଲ
ଗୋଟେ କଅଁଳ ଲତାର
ପ୍ରଥମ ଫୁଲ ପରି ଭାରି ଲୋଭନୀୟ
ଆଜିବି ସେମିତି ଲାଗୁଚ ।"
(ଅନେକ ଦିନ ପରେ - ଗୋପଯାତ୍ରା)

ବାସ୍ତବରେ ଏହା ହିଁ ଚିରକାଳର ଶାଶ୍ୱତ ପ୍ରେମ । ଏଠାରେ ପାଇବା ଓ ହରେଇବାର ହିସାବନିକାଶ ନାହିଁ । ଅଛି ହୃଦୟାବେଗର ଅମୃତ ପରଶ । ସାଂସାରିକ ଜୀବନର ମଧୁର-ତିକ୍ତ ଅନୁଭୂତି ଭିତରେ ବିରୋଧାଭାସର ସମ୍ଭାବନା ଥାଏ । ତଥାପି ସେଗୁଡ଼ି**କୁ** ପଛରେ ପକେଇ ଶାଶ୍ୱତ ପ୍ରେମର ମଧୁର ସଂଗୀତ ଗାଇବା ହିଁ ନିଛକ ପ୍ରେମର ଅସଲ ସୂତ୍ର । ଅନୁଭବର କଷ**ଟି** ପଥରରେ ପରଖିବାର ଶ୍ରେଷ୍ଠ ନିର୍ଯ୍ୟାସ । ବଡ଼ ଚମତ୍କାର ଏହି ରୋମାଣ୍ଟିକ ଭାବାବେଗର ମୁଗ୍ଧ ପରଶ । '**ଖେଳ ଛୁଟିରେ ଖରା**' ସଂକଳନର 'ଏକା ଏକା ରହୁଥିବା ଦେହ' କବିତାଟି ଉପରୋକ୍ତ ବକ୍ତବ୍ୟର ଯଥାର୍ଥ ପ୍ରମାଣ **ବହନ କରେ।** ଯଥା -

"**ଥ**ରେ **ଥ**ରେ
କେମିତି ଗୋଟେ କହିଲା କହିଲା ଆଖିରେ ଚାହିଁ**ଚ**
ଓ ଫେରି **ଯାଇଚ** ।
ପୁଣି କେବେ ଠିଆ ହେ**ଇଚ**
ମୁହଁ ପୋତି କେଉଁ କୃଷ୍ଣଚୂଡ଼ା ଗଛ ତଳେ
କାରଣ ପଚାରିଲେ କହି**ଚ**
ରୁହ, ମତେ ଟିକେ ତମକୁ
ଅନୁଭବ କରିବାକୁ ଦିଅ ପତଳା ପବନ ଭିତରେ ।"

ପ୍ରଦ୍ୟୁମ୍ନ କେଶରୀଙ୍କ କବିତାରେ ଲକ୍ଷ୍ୟ କରାଯାଏ କ'ଣ କହିବା ତାହା ବଡ଼ କଥା ନୁହେଁ, କେମିତି କହିବା ତାଙ୍କ ପାଇଁ ବଡ଼ । ଯାହା ଜଣେ ଭଲ କବି ପାଇଁ ଏକାନ୍ତ ଆବଶ୍ୟକ । Poetry is not the thing said but the way of saying it. ବସ୍ତୁତଃ କବି ସେନାପତିଙ୍କ କବିତାରେ ରୋମାଣ୍ଟିକ ଭାବାବେଗ ସାଙ୍କେତିକ ଭାବରେ ପ୍ରକାଶ ପାଇଥିବା ଜଣାଯାଏ । ଦେହଜ ତୃଷା ମେଣ୍ଟେଇବା ତାଙ୍କ ପ୍ରେମାବେଗର ଉଦ୍ଦେଶ୍ୟ ନୁହେଁ; ଆଶ୍ୱାସନାର କଅଁଳ ପରଶରେ ପ୍ରେମକୁ ଆବୋରିବା ତାଙ୍କର ରୋମାଣ୍ଟିକ ଚେତନାର ମୂଳ ଲକ୍ଷ୍ୟ । ତେଣୁ ସେ କହିଛି -


© 2025 ଡକ୍ଟର ନଳିନୀ କୁମାର ପାଣିଗ୍ରାହୀ, Vanita Jain. This is an open-access article distributed under the terms of the Creative Commons Attribution 4.0 International License (CC BY NC ND).https://creativecommons.org/licenses/by/4.0/

"ତୁମକୁ ଚୁମାଟିଏ ଦେଲି
ମୋ ଓଠରୁ ଝରି ପଡ଼ିଲା ରକ୍ତ !
ଗେଲ କରିବାକୁ କୋଳେଇଲି
ପାଇଲାନି କୁଣ୍ଢ !
ଯେମିତି
ତୁମେ ଗୋଟେ ଅଭିମାନର ପାହାଡ଼ !"
(ପାହାର – ଖେଳ ଛୁଟିର ଖରା)

ସତ କହିବାକୁ ଗଲେ ଅନୁଭବ ଓ ଅଭିମାନରେ ହିଁ ଅସଲ ପ୍ରେମ ଲୁଚି ରହିଥାଏ । ମଧ୍ୟଯୁଗୀୟ ଓଡ଼ିଆ ସାହିତ୍ୟର କବିମାନେ ସେଥିପାଇଁ ହିଁ ଅଭିମାନକୁ ପ୍ରେମର ଏକ ଉତ୍କୃଷ୍ଟ ମାଧ୍ୟମ ଭାବରେ ଗ୍ରହଣ କରିଥିଲେ । ଏପରି ଏକ ପ୍ରେମାବେଗର ସଫଳ କବି ହେଲେ ସେନାପତି ପ୍ରଦ୍ୟୁମ୍ନ କେଶରୀ ।

**ନିଜ ନିଜ ନିର୍ଜନତା : ଏକାକୀତ୍ୱବୋଧ :**

ଏକା ଏକା ଜୀବନ ପଥରେ ଚାଲିବା ସତେ ଯେପରି ମଣିଷର ଧର୍ମ । "ଆସିଛୁ ଏକା ତୁ, ଯିବୁ ପୁଣି ଏକା"- ସାଂସାରିକ **ଜୀବନ** ଯାତ୍ରାର ଏକ ମହାନୀୟ ବାଣୀ । ଏକଦା ଦାର୍ଶନିକ ନିତସେ ମଧ କହିଥିଲେ - ମଣିଷ ଏଇ ସଂସାରରେ **ସ୍ୱ**ତନ୍ତ୍ର ଏବଂ ଆପେ ଆପଣାର ବିଧାତା । **ଈଶ୍ୱ**ର ରହିତ ସଂସାରରେ ମଣିଷ ନିଜ ନିଜର ମୂଲ୍ୟ ନି**ର୍ଦ୍ଧା**ରଣ କରେ ଏବଂ ତାହା ହିଁ ହେଉଛି ତା'ର ମୂଲ୍ୟବୋଧ । ବାସ୍ତବରେ ଏକଥା ସତ୍ୟ **ଯେ** ଏ ସଂସାରର ସମସ୍ତ ସୁଖ-ଦୁଃଖ, ପ୍ରେମ-ପ୍ରଣୟ, ପ୍ରାପ୍ତି-ଅପ୍ରାପ୍ତି ନିଃସଙ୍ଗତାରୁ **ଆତ୍ମରକ୍ଷା** ପାଇଁ ଗୋଟିଏ ଗୋଟିଏ ଉପାଦାନ ମାତ୍ର, ଯେଉଁ ଉପାଦାନଗୁଡ଼ିକ ଅଳିକ । ବସ୍ତୁତଃ ପରିବର୍ତ୍ତିତ ସାମାଜିକ ବ୍ୟବସ୍ଥା ମଧ୍ୟରେ ସାଧାରଣ ମଣିଷଟିଏ ଦିଗହରା ହେଉଥାଏ । କ୍ଷମତାପିପାସୁ, ଅର୍ଥଲୋଭୀ, **ସ୍ୱାର୍ଥାନ୍ଧ ପୁଞ୍ଜିପତିଙ୍କ** ନଖଦାନ୍ତରେ ସେ ରକ୍ତାକ୍ତ ହୋଇ ଅଭାବର ତାଡ଼ନାରେ ଜୀବନ କାଟେ । ସବୁ ଥାଇ ସୁଦ୍ଧା କିଛି ନଥିବାର ଚାକଚକ୍ୟରେ ସେ ଛଟପଟ ହୁଏ । ତା'ର ଅନ୍ତସ୍ଥଳକୁ ଏହା ରକ୍ତାକ୍ତ କରେ । ଉପରେ ଶୂନ୍ୟ ଆକାଶ, ତଳେ ଧୂସର ଧରଣୀ, ଦୁଇ କଡ଼େ ଫିକା **ଖାଁ ଖାଁ ଦ୍ୱି**ପହର । ପିଠିରେ ଯନ୍ତ୍ରଣାର ବୋଝ, ମୁଣ୍ଡ ଭିତରେ ଅହେତୁକ ଚିନ୍ତାର ଝଡ଼ ଏବଂ ସମ୍ମୁଖରେ ଅନନ୍ତ ଯାତ୍ରା ପାଇଁ ଅସରନ୍ତି ବାଟ । **ଏପରି** ଏକ ଜୀବନଯାତ୍ରାର ଯାତ୍ରୀ ଆଜିର କାବ୍ୟ ନାୟକ । ତା'ର ଚତୁର୍ଦ୍ଦିଗରେ କେବଳ ସମସ୍ୟାର ବୁଢ଼ିଆଣୀ ଜାଲ । ଏକାକୀ**ତ୍ୱ**ବୋଧର ତାଡ଼ନାରେ **ଆକ୍ରାମାକ୍ତ** କାବ୍ୟ ନାୟକ ତେଣୁ ଘୋଷଣା କରୁଛି-

"ଏବେ ପ୍ରଜାପତିଟି ଶୁଣ୍ଢ ଲଗେଇ ପାରେନା **କୋଉଠି**
ଫୁଲରେ ବିଂ**ନ୍ଦୁ**ଏ ହେଲେ ମହୁ ନାହିଁ
ଚତୁରୀ ଚୈତ୍ରର ଆଖି : ପରଳ ଭର୍ତ୍ତି
ଓ ସ୍ତନ
**ବ୍ରଣ**ରେ ବିକୃତ ଦିଶୁଛି ।"

**(କାଳର କଇଁଚି-ମହୁ ମୁହାଣ)**

ବାସ୍ତବରେ ଜୀବନ ଓ ଜଗତକୁ ନି**ରୁତା** ଭଲ ପାଉଥିବା ମଣିଷଟି ପାଖରେ ଏହି ଏକାକୀ**ତ୍ୱ**ବୋଧ ବଡ଼ ଚମତ୍କାର । **ସ୍ୱପ୍ନ**ମାନଙ୍କୁ ଆପଣାର କରିବାକୁ ହାତ ବଢ଼େଇଥିବା କାବ୍ୟ ନାୟକ ପାଖରେ ଏବେ ଖାଲି ଦୁଃଖ ହିଁ ଦୁଃଖ । କାହାର ଅଜ୍ଞାତ ଶରାଘାତରେ ସେ ରକ୍ତାକ୍ତ । ତା'ର ପରିଚିତ ପୃଥିବୀରେ ସେ ଏବେ ଅପରିଚିତ । ତା'ର ଯାବତୀୟ ସାମର୍ଥ୍ୟ ଆଜି ପରାହତ । ନିଜ ପାଖରେ ସେ ଆଜି ପରାଜିତ । ଯନ୍ତ୍ରଣା ଜର୍ଜରିତ ଜୀବନର ଅସହାୟତା, ଭବିଷ୍ୟତର ଅନିଶ୍ଚିତତା ପାଖରେ ସେ ଆଜି ନତମସ୍ତକ । କାହିଁ ସେଇ ରାମରାଜ୍ୟର ପରିକଳ୍ପନା? ନିଜ ନିଜ ନିର୍ଜନତାରେ ସେ ଆଜି ନିର୍ବାସିତ । ଯଥା -

"ସୁଖ ତ ଏବେ ଫେରାର
କିନ୍ତୁ ଆମ **ସ୍ୱ**ପ୍ନର ପେଟରେ
ତା'ରି ପାପର ଭ୍ରୁଣ,
ରାତି ପାହିଲେ
କାହାକୁ ମୁହଁ ଦେଖେଇ ପାରିବା ଆମେ?
ପ୍ର**ଚା**ର ପତ୍ର ପରି
ପବନ ବୁଣି ଦେବ ଚାରିଆଡ଼େ ଆମର ଦୁର୍ନାମ ।"

ସମକାଳୀନ ସମାଜରେ ସାଧାରଣ ମଣିଷଟିଏ ବଞ୍ଚିବା ବଡ଼ କଷ୍ଟସାଧ୍ୟ । ବାବୁଭାୟାମାନଙ୍କ ଦୌରାତ୍ମ୍ୟରେ ସାଧାରଣ ମଣିଷମାନଙ୍କ ଭାଗ୍ୟ ପଥର ତଳର ଘାସ ସହିତ ସମାନ । ଏପରି ଏକ ନିରାଶା ମଧ୍ୟରେ ବଞ୍ଚିଥିବା ମଣିଷମାନଙ୍କ ଏକାକୀ**ତ୍ୱ**ବୋଧକୁ କିଏ ବୁଝୁକି ନବୁଝୁ କବିଟିଏ କିନ୍ତୁ ଠିକ୍ ବୁଝିଥାଏ । ତେଣୁ ତ କବି ଏକାକୀ**ତ୍ୱ**ବୋଧକୁ ଶବ୍ଦରୂପ ଦେଇ କହିଛନ୍ତି -

"ଗୀତ ପଦେ ଗାଇବାକୁ
କେବେ ଯଦି ଖୋଲିଚି ଓଠ
ବାବୁଭାୟାମାନେ ଚିପି ଦିଅନ୍ତି ମୋ **କଅଁଳ ବେକ** ।"
**(କପି କାଗଜ-ପାପତୃଷ୍ଣା)**

ଶୋଷ**କ**ର ନଖ**ଦା**ନ୍ତରେ ରକ୍ତାକ୍ତ ମଣିଷ । ବଞ୍ଚିବାର ସୁନ୍ଦର **ସ୍ୱ**ପ୍ନ ତା' ପାଇଁ ସୁଦୂର ପରାହତ । ଆଜି ସୁଦ୍ଧା ସାମନ୍ତବାଦ**ର** ତାଡ଼ନାରେ ସାଧାରଣ ମଣିଷଟିଏ କ୍ଷତାକ୍ତ । ତା' ପାଇଁ ବଞ୍ଚିବା**ର ସ୍ୱାଧୀନତା** କାହିଁ? ସବୁଠି କେବଳ ଶୋଷଣ, କଷଣ, ଅତ୍ୟାଚାର**ର** ରା**କୁ**ତି । ଏପରି ଏକ ଅବସ୍ଥାରେ ଆଜିର କାବ୍ୟନାୟକ ଏକଲା ହେବା ସୁନିଶ୍ଚିତ । ନୈରାଶ୍ୟର କଳା ବାଦଲ ଆଢୁଆଳରେ ଲୁଚି ଯାଇଛି ତା'ର ସୁନ୍ଦର ଭବିଷ୍ୟତ । ଲୁହର ସୁଅରେ ଭାସିଯାଇଛି ତା'ର ସ୍ୱପ୍ନର ବୋଇତ । କବି ପ୍ରଦ୍ୟୁମ୍ନକେଶରୀ 'ଅଲଗା ଅଯୋଧ୍ୟା' ସଂକଳନର 'ପଶା' କବିତାରେ ଅତି ମର୍ମାହତ ଭାବରେ ଆଜିର ମଣିଷର ଏକାକୀତ୍ୱବୋଧକୁ ପ୍ରକାଶ କରିବାକୁ ଯାଇ ଲେଖିଛନ୍ତି -

" ସାଆନ୍ତେ ଦିଅନ୍ତି
ଦି'ଓ**ଳା** ବାସୀ ତୋରାଣି ମୁନ୍ଦିଏ
**ଚା**କର ପକାନ୍ତି
ହାତ ଟେକି ମଲା**ଘା**ସରୁ କେରାଏ
ବଦଳରେ
**ଗଉଡ** ମୋ ଦିହରୁ ପ**ଳ ପଳ** ରକ୍ତ ଦୁହିଁ ନିଏ ।"

ତଥାପି ବଞ୍ଚିବାକୁ ହେବ । ଶୋଷଣ**ର** ବଳୟ ମଧ୍ୟରୁ ମୁକୁଳିବାର ବାଟ ଖୋଜିବାକୁ ହେବ । ଏ**ଇ**ତ ଜୀବନ । ସବୁ ମାନ-ଅପମାନ, ସୁଖ-ଦୁଃଖକୁ ପଛରେ ପକେଇ ଆଗକୁ ଯିବାକୁ ପଡ଼ିବ । କବି**ଟିଏ** ଏହା ହିଁ ଚାହେଁ । କାରଣ ସେ ଶାଶ୍ୱତ ଜୀବନର ଶିଳ୍ପୀ । **ପଥର**କୁ ଜୀବନ **ଦେବା** ତା'ର କାର୍ଯ୍ୟ । ଏକାକୀତ୍ୱବୋଧକୁ ପୋଛି ଦେଇ କାବ୍ୟ ନାୟକ ଆଖିରେ **କବିଟିଏ** ଭରିଦିଏ ସମ୍ଭାବନାର ସ୍ୱପ୍ନ, ହାଡ଼ର କେନ୍ଦରାରୁ ଶୋକର ରାଗିଣୀ ବଦଳରେ ସୃଷ୍ଟି କରେ ଜୀବନ ସଂଗୀତ । **ଭୋକ**ର କିଆରାରେ ଗର୍ଭିଣୀ


© 2025 ଡକ୍ଟର ନଳିନୀ କୁମାର ପାଣିଗ୍ରାହୀ, Vanita Jain. This is an open-access article distributed under the terms of the Creative Commons Attribution 4.0 International License (CC BY NC ND).https://creativecommons.org/licenses/by/4.0/

ଧାନଫୁଲର ଉଦ୍‌ଫୁଲ୍ଲିତ ନୃତ୍ୟ, ପକ୍ଷୀର କାନ୍ଦଣା ମନେହୁଏ ଗୋଟେ ଗୋଟେ ମିଠା ଗଜଲ । **ଅସ୍ତଗାମୀ** ସୂର୍ଯ୍ୟ**ଙ୍କ ଠା**ରେ ଉଦୟର ସମ୍ଭାବନା, ଧୂସର ମାଟିରେ ସବୁଜର ରଙ୍ଗ ବୋଳି ଦେବାର କୌଶଳ କବି ବିନା ଆଉ ବା କାହାକୁ ଜଣା ? ଏକାକୀତ୍ୱବୋଧର ଯନ୍ତ୍ରଣା ଭିତରେ ସମ୍ଭାବନାର **ଗାଏ** । ଯଥା -

"**ଭୋକର** କିଆରାରେ
ଭରି ଯାଆନ୍ତା
ଗର୍ଭିଣୀ ଧାନଫୁଲର ଉଦ୍‌ଫୁଲ୍ଲ ନୃତ୍ୟ
ପକ୍ଷୀମାନଙ୍କର କାନ୍ଦଣା
ବନି ଯାଆନ୍ତା
ଗୋଟେ ଗୋଟେ ମିଠା ଗଜଲ !
ଅଧରାତିର ଝଡ଼ ବର୍ଷାରେ
ଏକୁଟିଆ ଜହ୍ନ ବି ହୁଅନ୍ତା**ନି** ଆଉ
ବାଟବଣା ।"
(ଦିଗ୍‌ବିଜୟୀ-**ଖେଳ ଛୁଟିର ଖରା**)

**ପ୍ରୀତିମୟ ପୃଥ୍ୱୀ, ବିବର୍ଣ୍ଣ ଆକାଶ : ନାରୀ ଚେତନା-**

ନାରୀ ଓ ପୁରୁଷ ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ । ସୃଷ୍ଟିର ମଙ୍ଗଳ ବିଧାନରେ ଉଭୟଙ୍କର ସହଭାଗିତା ସର୍ବଦା ସ୍ୱୀକୃତ । ନାରୀ ବିଶ୍ୱ ସାହିତ୍ୟରେ ବନ୍ଦନୀୟା । ସେ ସର୍ବଂସହା ଜନନୀ, ଜାୟା, ଭଗିନୀ, ପ୍ରିୟତମା ଆଦି ବିବିଧ ରୂପରେ ଆବିର୍ଭୂତା । କିନ୍ତୁ କେଉଁ ଅନାଦି କାଳରୁ ପୁରୁଷ ପ୍ରଧାନ ସମାଜରେ ନାରୀର ସ୍ୱାଧୀନତା ସୁଦୂର ପରାହତ । ସେ କେବଳ ଅ**ଙ୍କଶାୟିନୀ**, ଅସୂ**ର୍ଯ୍ୟଂପ**ଶ୍ୟା ଭାବରେ କାଳ କାଟିବାରେ ଲାଗିଛି । କିନ୍ତୁ ସମୟ ବଦଳିଛି, ଚେତନା ବଦଳିଛି । ଏବେ ସେ ଏରୁଣ୍ଡି ବନ୍ଧ ଡେଇଁଛି , ରୋଜଗାରକ୍ଷମ ହୋଇଛି । ତଥାପି ତା' ପ୍ରତି ପ୍ରତାରଣାର ମାତ୍ରା କମି ନାହିଁ। ଫୁଲଟିଏ ହୋଇ ମହମହ ବାସ୍ନାରେ ଚତୁର୍ଦ୍ଦିଗକୁ ମହକାଇ ଦେବା ଆଗରୁ କଢ଼ ଅବସ୍ଥାରେ ସେ ହୋଇଯାଏ **କୀଟଂଦ୍ରଷ୍ଟ** । ଏହାହିଁ ତା'ର ଭାଗ୍ୟ । ତେଣୁ ସେ ତା'ର ଦୁଃସ୍ୱପ୍ନକୁ ଶବ୍ଦ ରୂପ ଦେଇ କହେ -

" ମୁଁ ଏକ ଅନ୍ଧୁଆ ନଈ
ପାହାଡ଼ ପାଖରେ
ତାଳଗଛ ପରି ଠିଆ
ଅଶରୀରି **ଇଚ୍ଛା** ମୋର
ନିର୍ବାକ ନିଷ୍ପନ୍ଦ,
ସତେ କି ପାଖୁଡ଼ା ଖୋଲିବା ଆଗୁ
**କୀଟଖିଆ** କଢ଼ର କବନ୍ଧ ।" (ପୂତନା - ୩)

ଆଲୋଚ୍ୟ କବିତାଟିରେ ନାରୀ ପ୍ରତି ଅନ୍ୟାୟର କରୁଣ ଚିତ୍ର ପାରମ୍ପରିକ ଢଙ୍ଗରେ ଚିତ୍ରିତ ହୋଇଥିବା ବେଳେ, ସମକାଳୀନ ରୋଜଗାରକ୍ଷମ ଜଣେ ଚାକିରିଆ ନାରୀର ଜୀବନ ମଧ୍ୟ କିପରି ଯନ୍ତ୍ରଣାପୂର୍ଣ୍ଣ, ତାକୁ ଅତି ଜୀବନ୍ତ କରି ଗଢ଼ିତୋଳିଛନ୍ତି କବି ପ୍ରଦ୍ୟୁମ୍ନ କେଶରୀ ଅନ୍ୟ ଏକ କବିତାରେ । ଏକ ସତ୍ୟ ସନ୍ଧାନୀ ଦୃଷ୍ଟି ନେଇ କବି ଦେଖିଛନ୍ତି ଜଣେ ଚାକିରି ସର୍ବସ୍ୱ ନାରୀର ଦୁଃଖମୟ ଜୀବନକୁ । ଅନୁଭବ କରନ୍ତି ତା'ର **ଗହୀର** ମନର **କ୍ଷତକୁ** । ଯୁଗ ବଦଳିଛି, ଚେତନା ବଦଳିଛି, **ଫକୀରମୋହନଙ୍କ** ରେବତୀ ସଚ୍ଚି ରାଉତରାୟଙ୍କ ପ୍ରତିମା ନାୟକ ହୋଇଛି ସତ; କିନ୍ତୁ ତା' ଛାତିରୁ ଦୁଃଖ ଅପସରି ନାହିଁ । ମଲାଜହ୍ନ ପରି ଚାକିରିଆ ନାରୀର ଜୀବନ, ବଢ଼ି ପାଣିରେ ଦିନ ଦିନ ବୁଡ଼ି ରହିଥିବା ଦରପାଚିଲା ଧାନକ୍ଷେତ ପରି ତା'ର ସ୍ୱପ୍ନ । ଜଞ୍ଜାଳର **ବାଂଫି** ଭିତରେ ପଡ଼ିଥିବା ଗୋଟେ ଅଣନିଃଶ୍ୱାସୀ ଗୁଣ୍ଡୁଚି ମୂଷା ପରି ତା'ର ଜୀବନ । ଏକବିଂଶ ଶତାବ୍ଦୀର ଜଣେ ସ୍ୱାବଲମ୍ବନଶୀଳା ନାରୀର କରୁଣ କାହାଣୀ **କବିଙ୍କ ବକ୍ତବ୍ୟରେ** ବଢ଼ **ଚମକପ୍ରଦ ହୋଇଛି।** ଯଥା -

"ଚାକିରିଆ ନାରୀର ଜୀବନ:
**ଡାହାଳ** କୁକୁରଙ୍କ ଘେରରେ
**ପଡିଥିବା** ଛେଳି ଛୁଆଟିର
ଅସ୍ତବ୍ୟସ୍ତ କାନ୍ଦ;
ବଢ଼ି ପାଣି ଭିତରେ
ଦିନ ଦିନ ବୁଡ଼ି ରହିଥିବା
ଗୋଟେ ଦର ପାଚିଲା ଧାନକ୍ଷେତ
ତା'ର ସ୍ୱପ୍ନ ।"
(ଚାକିରିଆ ନାରୀ- ପାପତୃଷ୍ଣା )

ନାରୀର ଅନ୍ୟ ରୂପ ଜନନୀ । ନିଜେ ଜଳି ଜଳି ପରିବାରର ସମସ୍ତଙ୍କୁ ଆଲୋକ ବାଣ୍ଟୁଥିବା ନାରୀଟି ମାଆ; ନିଜେ ନ ଖାଇ ଅନ୍ୟର ପେଟ ଭରୁଥିବା ନାରୀଟି ମାଆ । କିନ୍ତୁ ସେ ଯେତେ ବେଳେ ବୁଢ଼ୀ ହୋଇଯାଏ, ତା'ର ସାହା କେହି ନାହିଁ । ଏକ ଉତ୍ସର୍ଗୀକୃତ ଜୀବନ ଏବେ ଅନାବଶ୍ୟକ । ଯେଉଁମାନେ ତା'ର ହାତ ରନ୍ଧା ଖାଦ୍ୟକୁ ଅମୃତ କହୁଥିଲେ, ସେମାନେ ଏବେ ନୂଆ ନୂଆ ରନ୍ଧା ଖାଇ ହାତ ଚାଟି ସନ୍ତୁଷ୍ଟ । ଏବେ ସେ ଅଲୋଡ଼ା, ଅଦରକାରୀ ସମସ୍ତଙ୍କ ପାଇଁ । ତା'ର ସତେ ଯେପରି କେହି ନାହିଁ; ସେ ଜଣେ ଏକଲା ମଣିଷ । ସର୍ବଂସହା, **ପ୍ରୀତି**ମୟୀ ନାରୀର ଜୀବନ ସତରେ କେତେ ମଳିନ, ବିବର୍ଣ୍ଣ ? ଏହାକୁ ଅନୁଭବ କରି କବି କହିଛନ୍ତି -

"ଆଜିକାଲି
ବୋଉର ଆଉ କି କାମ ?
ତେଣୁ **ଯେ**' ବୁ**ଢୀ** ବୟସ**ରେ**
ଲୁଡୁ ଖେଳୁ**ଚି** ବୋଉ
କେହି ଖେଳସାଥୀ ନ ମିଳିଲେ
ଏକୁଟିଆ ଗଡ଼ଉଛି ଗୋଟି ଆଉ ଦାନ !
ଏବେ ସିଡ଼ି ଚଢ଼ିବା ଯାହା
ସାପ ଖାଇବା ତାହା
ବୋଉ ପାଇଁ ସବୁ ସମାନ !"
(ଲୁଡୁ ଖେଳୁଛି ବୋଉ- ପୁରାଣ ନଦୀ)

ବାସ୍ତବରେ ଭାବଦୃଷ୍ଟିରୁ ପ୍ରଦ୍ୟୁମ୍ନକେଶରୀଙ୍କ କବିତା ଯେପରି ଅନୁପମ; ଶୈଳିକ ଗଠନ କଳା ଦୃଷ୍ଟିରୁ ସେପରି ଅନନ୍ୟ । ଜୀବନକୁ ନୂଆ କରି ଅନୁଭବ କହିବା ସହିତ ନୂତନ ଛନ୍ଦରେ କବିତାରେ ପ୍ରକାଶ କରିବାରେ ସେ ପାରଙ୍ଗମ । ଚିତ୍ରକଳ୍ପ, ପ୍ରତୀକ ଓ ମିଥ୍‌ର ସୁଷମ ସଂଯୋଜନା, ଶବ୍ଦ ଚୟନରେ ପାରଦର୍ଶିତା ତାଙ୍କ କବିତ୍ୱର ସବୁଠୁ ବଡ଼ ସଫଳତା । ସାମ୍ପ୍ରତିକ ଜୀବନବୋଧ ତାଙ୍କ କବିତାର ମୁଖ୍ୟ ବିଷୟ । ଏପରି ଜଣେ ସଫଳ, ସମର୍ଥ କବିଙ୍କ ଠାରୁ **ଆଗାମୀ ଦିନରେ** ଅନେକ କିଛି ଆଶା କରେ ଓଡ଼ିଆ ସାହିତ୍ୟ ।

### ସହାୟକ ଗ୍ରନ୍ଥସୂଚୀ


1. ସେନାପତି ପ୍ରଦ୍ୟୁମ୍ନକେଶରୀ। *ଅଳଗା ଅଯୋଧ୍ୟା* (କବିତା ସଂକଳନ)। ୧୯୯୪।
2. ସେନାପତି ପ୍ରଦ୍ୟୁମ୍ନକେଶରୀ। *ମହୁ ମୁହାଣ* (କବିତା ସଂକଳନ)। ୧୯୯୭।



© 2025 ଡକ୍ଟର ନଳିନୀ କୁମାର ପାଣିଗ୍ରାହୀ, Vanita Jain. This is an open-access article distributed under the terms of the Creative Commons Attribution 4.0 International License (CC BY NC ND).https://creativecommons.org/licenses/by/4.0/

3. ସେନାପତି ପ୍ରଦ୍ୟୁମ୍ନକେଶରୀ। *ଧୂଳିବେଶ* (କବିତା ସଂକଳନ)। ୧୯୯୯।
4. ସେନାପତି ପ୍ରଦ୍ୟୁମ୍ନକେଶରୀ। *ପୂତନା* (କବିତା ସଂକଳନ)। ୨୦୦୭।
5. ସେନାପତି ପ୍ରଦ୍ୟୁମ୍ନକେଶରୀ। *ପାପତୃଷ୍ଣା* (କବିତା ସଂକଳନ)। ୨୦୦୯।
6. ସେନାପତି ପ୍ରଦ୍ୟୁମ୍ନକେଶରୀ। *ପୁରାଣ ନଦୀ* (କବିତା ସଂକଳନ)। ୨୦୧୨।
7. ସେନାପତି ପ୍ରଦ୍ୟୁମ୍ନକେଶରୀ। *ଭାଜ୍ୟ ଭାଜକ* (କବିତା ସଂକଳନ)। ୨୦୧୪।
8. ସେନାପତି ପ୍ରଦ୍ୟୁମ୍ନକେଶରୀ। *ଖେଳ ଛୁଟିର ଖରା* (କବିତା ସଂକଳନ)। ୨୦୧୭।
9. ସେନାପତି ପ୍ରଦ୍ୟୁମ୍ନକେଶରୀ। *ଗୋପଯାତ୍ରା* (କବିତା ସଂକଳନ)। ୨୦୨୦।
10. ସେନାପତି ପ୍ରଦ୍ୟୁମ୍ନକେଶରୀ। *ପବନର ଦେହ* (କବିତା ସଂକଳନ)। ୨୦୨୪।

**Creative Commons (CC) License**

This article is an open-access article distributed under the terms and conditions of the Creative Commons Attribution (CC BY 4.0) license. This license permits unrestricted use, distribution, and reproduction in any medium, provided the original author and source are credited.

**About the Corresponding Author**



**ଡ଼ . ନଳିନୀ କୁମାର ପାଣିଗ୍ରାହୀ** ଡକ୍ଟର ନଳିନୀ କୁମାର ପାଣିଗ୍ରାହୀ, ସମକାଳୀନ କବିତା ଏବଂ ସମାଲୋଚନା ରଚନା କ୍ଷେତ୍ରରେ ଜଣେ ଚର୍ଚ୍ଚିତ ବ୍ୟକ୍ତିତ୍ୱ । ତାଙ୍କର କବିତା ମାନବୀୟ ଜୀବନବୋଧର କଥା କହିବାରେ ଯେପରି ସମର୍ଥ; ସମାଲୋଚନା ସେପରି ବିଷୟ ଉପସ୍ଥାପନରେ ବୈଚିତ୍ର୍ୟ, ନିରୋଳା ଭାଷା ଏବଂ ଅନ୍ତର୍ଦୃଷ୍ଟି ସଂପନ୍ନ ଭାବ ବିନ୍ୟାସରେ ଅନନ୍ୟ ।


© 2025 ଡକ୍ଟର ନଳିନୀ କୁମାର ପାଣିଗ୍ରାହୀ, Vanita Jain. This is an open-access article distributed under the terms of the Creative Commons Attribution 4.0 International License (CC BY NC ND).https://creativecommons.org/licenses/by/4.0/